

୭ମ ବର୍ଷ ● ୪ର୍ଥ ସଂଖ୍ୟା ● ଡିସେମ୍ବର ୨୦୧୭

**ଆମ ମତ:** ଗୋଟିଏ ବର୍ଷ ଆମମାନଙ୍କଠାରୁ ବିଦାୟ ନେଇଯିବାରେ ଦୁଃଖ ଥାଏ ନା ନୂତନ ବର୍ଷ ଆସିବାର ସୁଖରେ ଆମେ ମସ୍‌ଗୁଲ ହୋଇଯାଉ ?

**ଆସ ବୁଲିଯିବା:** ଚିଡ଼ିଆଖାନା, ଚିଲିକା

**କେମେଷ୍ଟ୍ରି କାହାଣୀ:** ସର୍ବବ୍ୟାପକ ଜଳର ଅନ୍ୟ ନାମ ଜୀବନ

**ଗପ:** ପଇଡ଼ ଶେଯ ଓ ଜୋତା, 'ଶୂନ୍' ଓ ଶ୍ରେୟାନ, ...

**କବିତା:** ମୋ ଓଡ଼ିଶା, ପିମ୍ପୁଡ଼ି, ...

ଏଥିସହିତ **କୁନିକୁନାଙ୍କ ପାଠଶାଳା, ହସକଥା, ଖବର ଓ ଆହୁରି ଅନେକ ବିଭାଗ।**

## ଆମ ମତ :

ଏବେଏବେ ପୁରୁଣା ବର୍ଷ ୨୦୧୭ ଆମଠାରୁ ବିଦାୟ ନେଇ ଯିବ। ନୂଆ ବର୍ଷ ୨୦୧୮ ଆସି ତା'ର ସ୍ଥାନ ଗ୍ରହଣ କରିନେବ। ତେବେ ଆମ ଭିତରେ କ'ଣ ଥାଏ, ପୁରୁଣା ବର୍ଷ ବିଦାୟ ନେବାର ଦୁଃଖ ନା, ନୂଆ ବର୍ଷ ଆସିବାର ସୁଖ; ସେସଂପର୍କରେ ନିଜନିଜ ମତ ରଖିଛନ୍ତି କୁନାକୁନିମାନେ।

## ଆସ ବୁଲିଯିବା: ଚିଡ଼ିଆଖାନା
### ଲେଖକ : ନନ୍ଦକିଶୋର ସିଂହ

ଚିଡିଆଖାନା କିପରି ଆରମ୍ଭ ହୋଇଥିଲା ଓ ଏବେ କିପରି ଏହା ଲୋକମାନଙ୍କର ଭ୍ରମଣସ୍ଥଳୀ ପାଲଟିଛି, ସେସଂପର୍କରେ ଲେଖକଙ୍କର ଏହା ଏକ ଆଲେଖ୍ୟ।

## ଚିଲିକା

ଚିଲିକା କିପରି ବୁଲିଯିବା ଓ ଏଠାରେ କ'ଣ କ'ଣ ଦେଖିବା ସେହି ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ଏହି ଲେଖାଟି।

## ଗପ: ପଇଡ଼ ଶେଜ ଓ ଜୋତା
### ଲେଖକ: ଦାଶ ବେନହୁର

ନୂଆ ଜୋତା ପାଇଁ ଯିଦି କରୁଥିବା ଟୁପ୍‌ଲି, ପଇଡ଼ ବିକୁଥିବା ମଉସାଙ୍କର ପୁଅକୁ ଦେଖି, କିପରି ଆଉ ନୂଆ ଜୋତା ପାଇଁ ମନ ବଳେଇଲା ନାହିଁ, ତାହାହିଁ ଗପର ବିଷୟ ବସ୍ତୁ।

## ଗପ: 'ଶୂନ୍' ଓ ଶ୍ରେୟାନ
### ଲେଖିକା: ରଶ୍ମିରେଖା ତ୍ରିପାଠୀ

ଗଣିତରେ 'ଶୂନ'ର କିପରି ମହତ୍ୱ ରହିଛି, ସେ ବିଷୟରେ ଗପଟିରେ ସର୍ବଶେଷ ବର୍ଣ୍ଣନା କରାଯାଇଛି।

## ଗପ: ରିଲୁମିନାଙ୍କ ଆଶିଷ
### ଲେଖକ : କାଳିକିଙ୍କର

ଦେବୀ ରିଲୁମିନା ପ୍ରକୃତରେ ବଳି ଚାହାଁନ୍ତି ନାହିଁ, ବରଂ ଭଲ କାମ କରୁଥିବା ରାଜାଙ୍କୁ ପୁଅ ଦୃଷ୍ଟିରେ ଦେଖନ୍ତି, ତାହାହିଁ ଏହି ଗପର ବିଷୟବସ୍ତୁ।

## ଗପ: ଭାଗ୍ୟଶାଳୀ ଶିକାରୀ
### ଅନୁବାଦ : ମୃଣାଳିନୀ ମହାପାତ୍ର

ଶିକାର କରିବାକୁ ଯାଇଥିବା ଶିକାରୀ, ଭାଗ୍ୟବଳରେ କିପରି ଅନେକ କିଛି ଶିକାର କରିପାରିଛି, ସେହିଭଳି ମଜାଦାର ବିଷୟକୁ ନେଇ ଗପଟି ଲିଖିତ।

## ଗପ: ଅର୍ଜିତ ଧନର ସଦୁପଯୋଗ
### ଆମ କୁନି ଲେଖିକା : ଏସ୍. ପୁଣ୍ୟତୋୟା ଦାଶ

ନିଜ ଅର୍ଜିତ ଧନରୁ ଅଳ୍ପ ହେଲେ ମଧ୍ୟ ଦାନ କଲେ, ଏହା କିପରି ମଙ୍ଗଳଦାୟକ ହୁଏ, ତାହାହିଁ ଗପର ବିଷୟବସ୍ତୁ।

**ନାଟକ: କୁନିପରୀ**
**ଲେଖକ : ଅଜୟ କୁମାର ସେଠୀ**
ମଣିଷ ସବୁ ଜାଣି ମଧ୍ୟ କିପରି ପ୍ରକୃତିକୁ ଧ୍ୱଂସ କରିଚାଲୁଛି ଓ ତା'ର ପରିଣାମ ଭୋଗୁଛି, ଏହା ହିଁ ନାଟକର ବିଷୟବସ୍ତୁ।

**କବିତା : ଶୀତ**
**ଲେଖିକା : ଶକୁନ୍ତଳା ମିଶ୍ର**
ଶୀତ ଋତୁ ସମ୍ପର୍କରେ ଏହି କବିତାଟି ରଚିତ।

**କବିତା : ମାଆ ପରି କିଏ ହେବ**
**ଲେଖିକା : କମଳିନୀ ମଲ୍ଲିକ**
ପ୍ରତ୍ୟେକ ସନ୍ତାନ ପାଇଁ ମାଆ ହେଉଛି ଶ୍ରେଷ୍ଠ, ତାହାହିଁ ଏହି କବିତାରେ ଦର୍ଶାଇ ଦିଆ ଯାଇଛି।

**କବିତା : ଥିଲା ଏକ ବିଲେଇ**
**ଲେଖକ : ଧୀରେନ ମିଶ୍ର**
'ଫୁଲେଇ' ନାମକ ବିଲେଇର ହାବଭାବକୁ ନେଇ ମଜାଦାର ଢଙ୍ଗରେ କବିତାଟି ରଚିତ।

**କବିତା : ଆମେ କି ପାରିବୁ ଫୁଟି**
**ଲେଖିକା : ଦେବାଶିଷ ଚକ୍ରବର୍ତ୍ତୀ**
କୁନିକୁନି ପିଲାମାନଙ୍କୁ ଫୁଲ ସହିତ ତୁଳନା କରି, ଏହି କବିତାଟି ରଚିତ।

**କବିତା : ଚଟେଇ**
**ଲେଖକ : ତପନ କୁମାର ସ୍ୱାଇଁ**
ଆମର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ 'ଚଟେଇ' ବିଷୟରେ କବିତାଟି ଲେଖାଯାଇଛି।

**କେମେଷ୍ଟ୍ରି କାହାଣୀ : ସର୍ବ ବ୍ୟାପକ ଜଳର ଅନ୍ୟନାମ ଜୀବନ**
**ଲେଖକ : ନିତ୍ୟାନନ୍ଦ ପଣ୍ଡା**
ଜଳର ବିଭିନ୍ନ ରାସାୟନିକ ରୂପ ବିଷୟରେ ଉକ୍ତ ଲେଖାଟିରେ ଆଲୋଚନା କରାଯାଇଛି।

**ବଡ଼ଲୋକଙ୍କ କଥା : ତୁଳସୀ ଦୁଇପତ୍ରରୁ ବାସେ**
**ଲେଖକ : ନଟବର ସାହୁ**
ଜ୍ୟାମିତିରେ ଥିବା ଏକ ଉପପାଦ୍ୟ 'ପିଥାଗୋରାସ ଉପପାଦ୍ୟ'କୁ ସବୁ ପଢୁଆ ପିଲା ବେଶ୍ ଭାବରେ ଜାଣନ୍ତି। ସେହି ପିଥାଗୋରାସଙ୍କ ଜୀବନୀ ସମ୍ପର୍କରେ ଏହି ଲେଖାରେ ସ୍ଥାନ ପାଇଛି କିଛି ଅଜଣା ତଥ୍ୟ।

**ବିଜ୍ଞାନ କଥା : ଅଦ୍ଭୁତ ମତ୍ସ୍ୟ ସମୁଦ୍ର ଘୋଡ଼ା**
**ଲେଖିକା : ସ୍ମିତା ନାୟକ**
ସମୁଦ୍ର ଘୋଡ଼ା ବା ଇଂରାଜୀରେ କୁହାଯାଉଥିବା 'ସି ହର୍ସ' ବିଷୟକୁ ନେଇ ଏହି ଲେଖାଟି ରଚିତ।

**କୁନାକୁନିଙ୍କ ରୋଷେଇ: କଦଳୀ**
**ଉପସ୍ଥାପନା : ଅମ୍ରିତା ମହାନ୍ତି**
କଦଳୀକୁ ନେଇ କିପରି ପିଲାମାନେ ଖାଦ୍ୟ ପ୍ରସ୍ତୁତ କରିପାରିବେ, ସେ ବିଷୟରେ ବିଭିନ୍ନ ତଥ୍ୟ ଉକ୍ତ ଲେଖାଟିରେ ଦିଆଯାଇଛି।

**ଆସ ଜାଣିବା : ଏକା ନାମ : ଏକାଧିକ ବିଧାନସଭା ନିର୍ବାଚନ ମଣ୍ଡଳୀ**
**ଲେଖକ : ଗନ୍ଧର୍ବ ସେନ ରଣା**
ଆମ ଦେଶରେ ଏକାନାମରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ରହିଛି, ସେ ସମ୍ପର୍କରେ ବିବରଣୀ ଏହି ଲେଖାରେ ପ୍ରଦାନ କରାଯାଇଛି।

**ରାଜ୍ୟ ଖବର:**

ଦଲାଇ ଲାମାଙ୍କୁ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ, କିସ୍‌ରେ ଶିଶୁ ଉତ୍ସବ 'କୁସୁମ' ଓ ବ୍ୟାଙ୍କକ୍‌କୁ ହେବ ଭୁବନେଶ୍ୱରରୁ ବିମାନ ଉଡ଼ାଣ।

**ତୁମ ପାଇଁ ଖବର**

ଚିନି ଖାଇବା ବିପଦଜନକ, ନୂଆ ପୃଥିବୀ; କେଓଆଇ-୭୯୨୩.୦, ରେଳଗାଡ଼ିର ହର୍ଣ୍ଣରୁ ମିଳେ ସୂଚନା, ବେଙ୍ଗରୁ ପ୍ରସ୍ତୁତ ହେଉଛି ପ୍ରସାଧନ ସାମଗ୍ରୀ, ଶାଢ଼ିର ଲମ୍ବ ୩ କି.ମି.ରୁ ଅଧିକ ଓ ଶୌଚାଳୟର ମୂଲ୍ୟ ୩୩ କୋଟି।

**ଖେଳ ଖବର**

ବିଶ୍ୱ ହକି ଲିଗ୍ ଫାଇନାଲରେ ତିନିଜଣ ଓଡ଼ିଆ, କ୍ରୀଡ଼ା ନିର୍ଦ୍ଦେଶକଙ୍କ ପତ୍ନୀ ଭାରୋତ୍ତୋଳନ ଖେଳାଳି ଓ ପଞ୍ଚମ ସ୍ଥାନକୁ ଉଠିଲେ କୋହଲି।

**ଚଳଚ୍ଚିତ୍ର ଖବର**

'କ୍ରିଷ୍ଣା-ଷ୍ଟୋରି ଅଫ୍ ଡ୍ୟାନ୍ସ', 'ଶକ୍ତି-ଦ ଲାୟନ ହାର୍ଟ' ଓ  ଜାହ୍ନବୀଙ୍କ ପ୍ରଥମ ଚଳଚ୍ଚିତ୍ର 'ଧଡ଼କ୍'।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୪୫', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■